## ସଂକ୍ଷେପରେ

### ଦେଶୀ ମଦ ଚାଲାଣବେଳେ ଚଢାଉ, ଜଣେ ଗିରଫ



**ଜୟପୁର, ୪ା୧ (ନି.ପ୍ର.):** ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଜଣକୁ ଗିରଫ କରିଛି । ସେ ହେଲେ ସଦର ଥାନା ଅନ୍ତର୍ଗତ ବୈରାଗିମଠ ଅଞ୍ଚଳର ସଦନ ବିଷୋୟୀ (୩୭) । ସଦନ ବିଷୋୟୀ ଏକ ବାଇକରେ ମଦ ନେଇ ଯାଉଥିବା ବିଭାଗୀୟ କର୍ମଚାରୀ ସୂଚନା ପାଇ କୁମୁଲିପୁଟ ଛକ ନିକଟରେ ଚଢାଉ କରିଥିଲେ। ତାଙ୍କଠାରୁ ୧୦ ଲିଟର ଦେଶୀ ମଦ ଓ ବାଇକ ଜବତ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଛାତ୍ରୀଙ୍କୁ ଅପହରଣ, ବଳାତ୍କାର: ଯୁବକ ଗିରଫ

ଜୟପୁର, ୪ା୧ (ନି.ପ୍ର.): ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିବା ନେଇ ହୋଇଥିବା ଅଭିଯୋଗର ତଦନ୍ତ କରି ଟାଉନଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ଗୋପବନ୍ଧୁ ନଗରର ମହେଶ ଆଚାର୍ଯ୍ୟ (୧୯) । ସେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରି ଛାଡି ଦେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲଶ। ତଦନ୍ତରୁ ମହେଶ ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତ ଏସ୍ଆଇ ମନୀଷା ସାହୁ କରୁଥିଲେ।

### ତେଲଙ୍ଗାନା ଯାଉଥିବା ବେଳେ ୩୦ ନାବାଳକ ଉଦ୍ଧାର

**ମାଲକାନଗିରି,୪ା୧(ଡି.ଏନ.ଏ.):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ଗୁମ୍ପାରୁ ୩୦ ଜଣ ନାବାଳକ ଓ ନାବାଳିକାଙ୍କୁ ତେଲଙ୍ଗାନା ରାଜ୍ୟକୁ ଦାଦନ ଭାବେ କାର୍ଯ୍ୟ କରିବାକୁ ନିଆଯାଉଥିବା ବେଳେ ସେମାନଙ୍କୁ ବୁଧବାର ମାଲକାନଗିରି ଚାଇଲ୍ଡ ଲାଇନ ଉଦ୍ଧାର କରିଛି। ଏହି ପିଲାଙ୍କୁ ଏକ ବସ୍ ଯୋଗେ ମାଲକାନଗିରି ଜିଲା ଦେଇ ତେଲଙ୍ଗାନାକୁ ନିଆଯାଉଥିବା ବେଳେ ଏ ସମ୍ପର୍କରେ ସୂଚନା ପାଇ ଚାଇଲ୍ଡଲାଇନ ଟିମ୍ ଏହି ବସ୍‌କୁ ଧରିବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ବସ୍‌ଟି ମାଲକାନଗିରିରୁ ଅନେକ ଦୂର ଚାଲିଯାଇଥିଲା। ପରେ ଚାଇଲ୍ଡଲାଇନ କର୍ମକର୍ତ୍ତାମାନେ ଏନେଇ ପୋଟେରୁ ଫାଣ୍ଡିକୁ ଜଣାଇଥିଲେ। ବସ୍‌ଟି ଆସିବା ପରେ ପୋଟେରୁ ପୋଲିସ ଅଟକାଇ ୨୦ଜଣ ନାବାଳିକା ଓ ୧୦ ନାବାଳକଙ୍କୁ ଉଦ୍ଧାର କରିଥିଲା। ସେଠାରେ ଚାଇଲ୍ଡ ଲାଇନ ଟିମ୍ ପହଞ୍ଚି ସମସ୍ତ ଶିଶୁଙ୍କୁ ଆଣି ମାଲକାନଗିରି ଫେରିଥିଲା। ପରେ ସେମାନଙ୍କ ମାଆବାପାଙ୍କୁ ଡକାଇ କାଉନସେଲିଂ କରି ସେମାନଙ୍କୁ ହସ୍ତାନ୍ତର କରାଯାଇଥିଲା।

# ପ୍ରତିଶ୍ରୁତି ଭୁଲିଗଲେ କନିଷ୍ଠଯନ୍ତ୍ରୀ

## ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

ସୁନାବେଡ଼ା,୪ା୧ (ସ୍ୱ.ପ୍ର.)

ସୁନାବେଡ଼ା ଦେଇ ଯାଇଥିବା ୨୬ନଂ. ଜାତୀୟ ରାଜପଥ ଏବେ ପାଲଟିଛି ମରଣଯନ୍ତା। ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖ ଓ ପୋଲିସ କଲୋନି ନିକଟ ରାସ୍ତାର ପ୍ରାୟ ୧୦୦ ମିଟରରୁ ଅଧିକ ଲେଖାଏ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ପୌର ପରିଷଦ କାର୍ଯ୍ୟାଳୟକୁ ବିଭିନ୍ନ ସମୟରେ ବହୁ ଅଧିକାରୀ ସେହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ଏହି ରାସ୍ତା ପ୍ରତି କାହାର ନଜର ପଡୁନାହିଁ। ଏନେଇ ଗତ ଜୁଲାଇରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସେ ସମୟରେ ଜାତୀୟ ରାଜପଥ ସୁନାବେଡ଼ାର



ନଷ୍ଟ ହୋଇଯାଇଥିବା ଜାତୀୟ ରାଜପଥ।

କନିଷ୍ଠ ଯନ୍ତ୍ରୀ ସୁମିତ୍ ରଞ୍ଜନ କହିଥିଲେ, ବର୍ଷା ଛାଡ଼ିବା ପରେ କାମ ଆରମ୍ଭ ହେବ। ଏବେ ବର୍ଷାଦିନ ଶେଷ ହୋଇ ଶୀତ ଦିନ ଶେଷ ହେବାକୁ ବସିଲାଣି ତଥାପି ବିଭାଗ ପକ୍ଷରୁ କୌଣସି କାମ ହୋଇନାହିଁ । ଜାତୀୟ ରାଜପଥର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯିବା ସହ ଗାତ ସୃଷ୍ଟି ହୋଇଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ବହୁ ଧନଜୀବନ ହାନି ହେଉଥିବା ମଧ୍ୟ ନଜିର ରହିଛି। ସ୍ଥାନୀୟ ଲୋକେ ବହୁବାର ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଅନ୍ୟପକ୍ଷରେ ଯେଉଁ ସ୍ଥାନରେ ରାସ୍ତା କାମ ସରିଛି ସେଠାରେ ଉଭୟ ପାର୍ଶ୍ୱରେ ମାଟି ଫିଲିଂ ମଧ୍ୟ ହୋଇପାରୁନାହିଁ। କନିଷ୍ଠ ଯନ୍ତ୍ରୀ ସୁମିତ୍ ରଞ୍ଜନଙ୍କୁ ଏନେଇ ପଚାରିବାରୁ ସେ ଚିରାଚରିତ ଢଙ୍ଗରେ ଆଗାମୀ ଦିନରେ କାମ ଆରମ୍ଭ ହେବ ବୋଲି କହିଛନ୍ତି।

# ବନ୍ଧୁଗାଁକୁ ବଦଳି ହେଲେ ମାଟ୍ରନ୍

## ପିଲାଙ୍କୁ ଝାଡୁ, ଚପଲରେ ମାଡ଼ ମାରିବା ଘଟଣା

ଦଶମନ୍ତପୁର,୪ା୧(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀନିବାସରେ ରହି ପାଠ ପଢୁଥିବା ଦ୍ୱିତୀୟ ଶ୍ରେଣୀର ଛୋଟପିଲାଙ୍କୁ ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ମାଟ୍ରନ୍ ଝାଡୁ ଓ ଚପଲରେ ମାଡ଼ ମାରୁଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରେ ଏବେ ସମ୍ପୃକ୍ତ ଛାତ୍ରୀନିବାସର ମାଟ୍ରନ ଶୈଳବାଳା ସାହୁଙ୍କ ବନ୍ଧୁଗାଁ ବ୍ଲକକୁ ବଦଳି ହୋଇଛି।

ଖବରରୁ ଜଣାପଡ଼ିଛି, ଉକ୍ତ ଛାତ୍ରୀନିବାସରେ ଛାତ୍ରୀମାନେ ସେମାନଙ୍କ ସାଙ୍ଗ ମାମାଲି ଜାନିଙ୍କ ଜନ୍ମଦିନ ପାଳନ କରିଥିଲେ। ସେହି ସମୟରେ ମାଟ୍ରନ ଶୈଳବାଳା ଛାତ୍ରୀମାନଙ୍କୁ ଚପଲ ଓ ଝାଡୁରେ ମାଡ଼ ମାରିଥିଲେ। ପୁଣି ୧୫।୧୨।୨୨ରେ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ତା’ପରଦିନ ସକାଳୁ ଉଠିବାରେ ଟିକେ ବିଳମ୍ବ ହେବାରୁ ମାଟ୍ରନ ସେମାନଙ୍କୁ ଝାଡୁ ଓ ଚପଲରେ ମାଡ଼ ମାରିଥିଲେ। ଏ ସମ୍ପର୍କରେ ୧୭।୧୨।୨୨ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାକୁ ସାମାଜିକ କର୍ମୀ ଦୀପା ବାରିକ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଙ୍ଗଳବାର ଜିଲାସ୍ତରୀୟ ଏକ ଟିମ୍ ଛାତ୍ରୀନିବାସରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ପରେ ଅନୁସୂଚିତ ଜାତି ଜନଜାତି ବିଭାଗ ପକ୍ଷରୁ ମାଟ୍ରନ ଶୈଳବାଳାଙ୍କୁ ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ କୁମ୍ଭାରୀପୁଟ ସେବାଶ୍ରମ ବିଦ୍ୟାଳୟକୁ ବଦଳି କରାଯାଇଛି।

# ୨ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣକଲେ ସାମାଜିକ କର୍ମୀ



ଜଣେ ଯକ୍ଷ୍ମାରୋଗୀଙ୍କୁ ସାମାଜିକ କର୍ମୀ ଶୁଖିଲା ଖାଦ୍ୟ ସାମଗ୍ରୀ ଦେଉଛନ୍ତି।

ମାଲକାନଗିରି,୪ା୧(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହି ରୋଗ କିପରି ଜିଲାରୁ ମୂଳପୋଛ ହେବ ସେନେଇ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି। ଜିଲାର କେତେଜଣ ବଦାନ୍ୟ ବ୍ୟକ୍ତି ଏହି ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣକରି ଔଷଧ ବ୍ୟତୀତ ସେମାନଙ୍କ ସମସ୍ତ ସେବା ଶୁଶ୍ରୂଷା, ସୁଷମ ଖାଦ୍ୟପେୟ ମାସ ସାରା ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଚିକିତ୍ସାଧୀନ ଯକ୍ଷ୍ମାରୋଗୀଙ୍କ ପାଇଁ ଏହା ଆଶ୍ୱାସନାର ବିଷୟ ପାଲଟିଛି। ବୁଧବାର ମାଲକାନଗିରି ପୌର ପରିଷଦ ଆର୍‌ଓ କଲୋନିର କ୍ଷେତ୍ରବାସୀ ନାୟକ ଓ ଏମ୍‌ଭି-୪୩ ଗ୍ରାମର ଦିଲୀପ ଦାସ ନାମକ ୨ଜଣ ଯକ୍ଷ୍ମାରୋଗୀଙ୍କୁ ସାମାଜିକ କର୍ମୀ ବସନ୍ତ ଲେଙ୍କା ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ଲେଙ୍କା ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର ପ୍ରଦାନ କରିଛନ୍ତି। ପ୍ରତି ମାସରେ ରୋଗୀମାନେ ଆରୋଗ୍ୟ ଲାଭ କଲା ପର୍ଯ୍ୟନ୍ତ ଏପରି ପୋଷଣଯୁକ୍ତ ଖାଦ୍ୟ ଦେବେ ବୋଲି ଲେଙ୍କା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ ଯୋଗଦେଇ କୌଣସି ଯକ୍ଷ୍ମାରୋଗୀଙ୍କୁ ହତାଦର କିମ୍ବା ବାଛନ୍ଦ କରିବା ଉଚିତ ନୁହେଁ ବୋଲି କହି ସେମାନଙ୍କୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା, ମାଦକ ଦ୍ରବ୍ୟ ସେବନଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଜିଲାପାଳ ଉମାପ୍ରସାଦ ଦାଶ, ଜିଲା ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ, ଅଙ୍କିତ ଜେନା, ଜିଲା ପ୍ରକଳ୍ପ ସଂଯୋଜକ ବାବୁଜି ଖରା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ୪ ଆହତ

ମାଲକାନଗିରି, ୪ା୧(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଏମ୍ଭି-୧୧ ଗ୍ରାମ ନିକଟରେ କେତେକ ଗ୍ରାମବାସୀଙ୍କୁ ବୁଧବାର ସକାଳୁ ଏକ ବାଇକ୍ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଏହି ଗ୍ରାମବାସୀମାନେ କଟଲିଗୁଡାରୁ ନାଟକ ଦେଖି ଫେରୁଥିଲେ। ଦୁର୍ଘଟଣାରେ ଗାଡି ଚାଳକଙ୍କ ସହ ୪ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନୁ ଖରା ନାମକ ଗ୍ରାମବାସୀଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଆହତଙ୍କ ମଧ୍ୟରେ ଗାଡି ଚାଳକ ପଦିଆ ପଡିଆମୀ ଓ ତୁଳାରାମ ସଗରିଆଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁଇ ଆହତ ପ୍ରୀତି ପଡିଆମି ଓ ନମିତା ମାଡକାମି ମାଲକାନଗିରିରେ ଚିକିତ୍ସାଧୀନ ଅଛନ୍ତି। ମାଲକାନଗିରି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୨ ବାଇକ୍ ମୁହାଁମୁହିଁ : ଜଣେ ମୃତ, ୫ ଗୁରୁତର

ଦଶମନ୍ତପୁର, ୪ା୧(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତରେ ୨ ବାଇକ୍ ମୁହାଁମୁହିଁ ଧକ୍କାହୋଇ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ୫ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ମୁର୍କାର ପଞ୍ଚାୟତ ପଖାର ଗ୍ରାମର ଟାବାଇ କୁଲିସିକାଙ୍କ ପୁଅ ସୁନୀଲ (୧୪)। ସୁନୀଲ ସ୍ଥାନୀୟ ମାଛପୁଟ ବିଦ୍ୟାଳୟରେ ୯ମ ଶ୍ରେଣୀରେ ଅଧ୍ୟୟନ କରୁଥଲେ । ନିଜ ଗ୍ରାମରେ ନୂଆବର୍ଷ ପାଳନ କରି ବୁଧବାର ବାଇକ୍(ଓଡି୧୦ଜି-୯୩୮୧) ଯୋଗେ ତାଙ୍କର ୨ ଜଣ ସାଥୀ ଯୁଗଳ ହିକକା (୧୩) ଏବଂ ଝୋଲାଗୁଡ଼ା ଗ୍ରାମର ସୌଭାଗ୍ୟ କୁଲିସିକା(୧୫)ଙ୍କୁ ଧରି ଦଶମନ୍ତପୁର ଯାଉଥିଲେ। ଡୁର୍କାଗୁଡ଼ା ଗ୍ରାମ ନିକଟସ୍ଥ କଫି ପ୍ଲାଣ୍ଟ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ବାଇକ୍ (ଓଆର୍୧୦ ଜେ-୩୫୪୦) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଚଣାବାଡ଼ ପଞ୍ଚାୟତ ଏସ୍.ଦଣ୍ଡାବାଡ଼ ଗ୍ରାମର ଚାଳକ ଶୈଳେନ୍ଦ୍ର ଜାନି (୨୫), ବଲ୍ଲଭ ମିଣିଆକା (୧୪) ଏବଂ କନିଆ ଝୋଲା ଗ୍ରାମର ସୁଶାନ୍ତ ଜମ୍ଭେକା (୭) ଆହତ ହୋଇଥିଲେ। ଘଟଣାସ୍ଥଳରେ ସୁନୀଲଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଖବରପାଇ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି, ସେକେଣ୍ଡ ଅଫିସର ନିର୍ମଳା ଲିମା ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

# କୋରାପୁଟ ଜିମନାଜିମରୁ ଗଲେ ୫ ପ୍ରତିଯୋଗୀ



ରାୟଗଡ ଯାତ୍ରା କରିଥିବା ପ୍ରତିଯୋଗୀମାନେ।

## ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

କୋରାପୁଟ,୪ା୧(ସ୍ୱ.ପ୍ର.)

ଚଳିତ ମାସ ୬,୭ ଓ ୮ ତିନିଦିନ ଧରି ଛତିଶଗଡର ରାୟଗଡ଼ଠାରେ ହେବାକୁ ଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କୋରାପୁଟ ମ୍ୟୁନିସିପାଲିଟି ଜିମନାଜିମରୁ ୫ ଜଣ ପ୍ରତିଯୋଗୀ ବୁଧବାର ରାୟଗଡ ଗ୍ରସ୍ତ କରିଥିବା ରାଜ୍ୟ ଶକ୍ତି ଉତ୍ତୋଳନ ଆସୋସିଏଶନ ପକ୍ଷରୁ କୁହାଯାଇଛି। ସେମାନେ ହେଲେ ଭବାନୀ ଶଙ୍କର ମିଶ୍ର, ସତ୍ୟ ପାଣି, ଶକ୍ତି ପଣ୍ଡା, କପିଳ ସାମଲ ଏବଂ ସଞ୍ଜୟ ନାଗ। ସୂଚନାଯୋଗ୍ୟ , ଏହି ପ୍ରତିଯୋଗୀମାନେ ପୂର୍ବରୁ ବହୁ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଜିଲାପାଇଁ ଗର୍ବ ଆଣିଛନ୍ତି।

# ବିଜେଡି ପକ୍ଷରୁ ବୈଠକ

ମାଥିଲି,୪ା୧(ଡି.ଏନ୍.ଏ.)

ମାଥିଲିଠାରେ ବିଜେଡିର ଜିଲାସ୍ତରୀୟ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ଏଠାରେ ହେବାକୁ ଥିବା ଦଳର ଏକ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବ୍ଲକ ଅଧ୍ୟକ୍ଷ ମହେଶ ବାକା, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀପ୍ରିୟା ନାୟକ, ହିରଣ୍ୟ ମୁଦୁଲି, ସସ୍ମିତା ମାଝି, ମାଥିଲି ସରପଞ୍ଚ କନାମ ରାଜୁ ନାୟକ, ବ୍ଲକ ସଭାପତି ପ୍ରତାପ ସାହୁ, ସଦାଶିବ ପୂଜାରୀ, ଧନ ପୂଜାରୀ ଦଶରଥ ସାଗରିଆ, ବନ୍ଧୁ ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାନୁୟାରୀ ୮ରେ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଦଳର ବରିଷ୍ଠ ସଭ୍ୟାସଭ୍ୟ, ଯୁବ, ଛାତ୍ର ଓ ମହିଳା ନେତୃବୃନ୍ଦ ଉପସ୍ଥିତ ଥିଲେ।

# ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ



ଜଣେ ଶିଶୁକୁ ପୋଲିଓ ଟିକା ଦିଆଯାଉଛି।

ମାଲକାନଗିରି,୪ା୧(ଡି.ଏନ.ଏ.)

ମାଲକାନଗିରି ଜିଲା ଗୌଡ଼ଗୁଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୁଧବାର ଜିଲାରେ ତୃତୀୟ ଡୋଜ୍ ଏଫ୍ଆଇପିଭି ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଫୁଲ୍ଲ ନନ୍ଦ ଶୁଭାରମ୍ଭ କରିଥିଲେ। ପରେ ଶିଶୁମାନଙ୍କୁ ପୋଲିଓ ଟିକା ପ୍ରଦାନ କରାଯାଇଥିଲା। ୯ ମାସରୁ ୧୧ ମାସର ଶିଶୁଙ୍କୁ ପୋଲିଓର ବୁଷ୍ଟର ଡୋଜ୍ ପ୍ରଦାନ କରାଯିବ। ପୂର୍ବରୁ ଏହା ୬ ଓ ୧୪ ସପ୍ତାହରେ ପ୍ରଦାନ କରାଯାଉଥିଲା। ବର୍ତ୍ତମାନ ପଡ଼ୋଶୀ ଆଫଗାନସ୍ତାନ, ପାକିସ୍ତାନ ଓ ନାଇଜେରିଆରେ ପୋଲିଓ ହେଉଥିବାରୁ ଏହା ଆମ ଦେଶକୁ ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଡୋଜ୍ ଦେଲେ ୧୦୦ ପ୍ରତିଶତ ପୋଲିଓକୁ ପ୍ରତିହତ କରାଯାଇପାରିବ ବୋଲି ଡା. ନନ୍ଦ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିଶାନ୍ତ ଦାସ, ପରାମର୍ଶଦାତା ଅଜିତ ଦଳେଇ, ଡିଭିଏଲ୍ଏମ୍ ଜ୍ୟୋତି ନାରାୟଣ ମହାଲିକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସତ୍ୟନାରାୟଣ ଦେଓ, ବିପିଏମ୍ ପ୍ରୀତିରଞ୍ଜନ ମହାନ୍ତି, ଆଇସିଏ ଶିବପ୍ରସାଦ ପ୍ରହରାଜଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିକ୍ଷା ହିଁ ସମାଜ ଗଠନର ମାନଦଣ୍ଡ



ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

ସୁନାବେଡ଼ା,୪ା୧(ସ୍ୱ.ପ୍ର.)

ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ‘ଓଡ଼ିଶାର ପ୍ରାଥମିକ ,ମାଧ୍ୟମିକ ଓ ଉଚ୍ଚ ଶିକ୍ଷାର ବିକାଶ ଧାରା’ ଶୀର୍ଷକ ଆଲୋଚନାଚକ୍ରକୁ ଅଧ୍ୟକ୍ଷା ଉଷାରାଣୀ ଦାସ ପରିଚାଳନା କରିଥିଲେ। ନୂତନ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ଉପଲକ୍ଷେ ବରିଷ୍ଠ ଶିକ୍ଷାର୍ଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଆଲୋଚନାଚକ୍ରରେ ଛାତ୍ରୀ ସ୍ମରଣିକା ସାହୁ, ଲକ୍ଷ୍ମୀ ପ୍ରଧାନ, ପୂଜାରାଣୀ ସାହୁ ଓ ସାଲୋମି କୁଲଦୀପ ନିଜ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଶିକ୍ଷା ହିଁ ସମାଜ, ବ୍ୟକ୍ତିର ଚରିତ୍ର ତଥା ବ୍ୟକ୍ତିତ୍ୱ ଗଠନରେ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସୂଚନା ଦେଇ ଅଧ୍ୟକ୍ଷା ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ ଓଡ଼ିଶାର ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚଶିକ୍ଷାର ବିକାଶରେ ସରକାରଙ୍କ ବଳିଷ୍ଠ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଡ. ବାସୁଦେବ ସାହୁ ପୌରାଣିକ ମାଧ୍ୟମରେ ଶିକ୍ଷାର ଗୁରୁତ୍ୱକୁ ସୂଚାଇଥିଲେ। ଅଧ୍ୟାପିକା ସରିତା ପରିଡ଼ା, ଡେମୋଷ୍ଟ୍ରେଟର ଲକ୍ଷ୍ମୀପ୍ରିୟା ଚୌଧୁରୀ ଉପସ୍ଥିତ ଥିଲେ। ସୁଶ୍ରୀ ସୌମ୍ୟା ସାଗରିକା ପୁହାଣ ସ୍ୱାଗତ ସୂଚନା ଦେଇଥିଲେ। ଛାତ୍ରୀ ମୋନାଲିସା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଟାବାଉଁଶୁଣୀଙ୍କ ପୁଷ ପୁନେଇଁ ପରବ

ଦାମନଯୋଡ,୪ା୧(ଡି.ଏନ.ଏ.)

କୋରାପୁଟ ଜିଲା ଦାମନଯୋଡିର ଆରାଧ୍ୟା ଦେବୀ ମା’ କଣ୍ଟାବାଉଁଶୁଣୀଙ୍କ ପୁଷ ପୁନେଇଁ ପରବ(ପୌଷ ପର୍ବ) ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ପୌଷ ପୂର୍ଣ୍ଣମୀ ନିକଟବର୍ତ୍ତୀ ମଙ୍ଗଳବାର ଦିନ ଏହି ପର୍ବ ପାଳିତ ହୋଇଥାଏ। ମାଆଙ୍କ ବାପଘର ଓ ଶାଶୁ ଘର ଥିବା ଗାଁ ସିନ୍ଧିପାର ସହିତ କଣ୍ଟାଗୁଡା,ଗାଦିପାବିଲି ଓ ଡୁମୁରିଗୁଡାର ଯୁବକମାନେ ମା’ଙ୍କ ପୀଠକୁ ସଫାସୁତୁରା କରି ସାଜସଜ୍ଜା କରିଥିଲେ। ଅପରାହ୍ନରେ ମା’ଙ୍କ ପିତୁଳାକୁ ସ୍ୱତନ୍ତ୍ର ପୋଖରୀରେ ସ୍ନାନ କରାଯାଇ ନାଭିକୁଣ୍ଡରେ(ଜନ୍ମସ୍ଥାନ) ସ୍ଥାପନ କରାଯାଇଥିଲା। ମା’ଙ୍କଅସ୍ତ୍ର ଖକୋଟି ଓ ଗୋଠଖଣ୍ଡିକୁ ମଧ୍ୟ ନାଭିକୁଣ୍ଡରେ ସ୍ଥାପନ ହୋଇଥିଲା। ପରମ୍ପରା ମୁତାବକ ସ୍ୱତନ୍ତ୍ରଭାବେ ସଦ୍ୟପ୍ରସ୍ତୁତ ଜଡାତେଲ, ଚନ୍ଦନ, ଘିଅ, ଚୁନା, ହଳଦୀ, ସିନ୍ଦୁର ଆଦି ମା’ଙ୍କୁ ଲାଗି କରାଯାଇଥିଲା। ସନ୍ଧ୍ୟାରେ ମା’ଙ୍କ ବାପଘରୁ ପାଟଖଣ୍ଡା ଅଣାଯିବାପରେ ମା’ଙ୍କୁ ଶିମ୍ବଫୁଲ, ମନ୍ଦାର, ଗେଣ୍ଡୁ ଫୁଲ,ଅରୁଆ ଚାଉଳ ସହିତ ନାଲି ଶଙ୍ଖା,ସିନ୍ଦୂର,ନଡ଼ିଆ,କଦଳୀ ଓ ବସ୍ତ୍ର ଆଦି ଲାଗିକରାଯାଇ ପୂଜା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ସମର୍ପିତ ଭୋଗ ସହିତ ଆଜି ଅନ୍ନଭୋଗ ମଧ୍ୟ ଲାଗି ହୋଇଥିଲା।



ମା’ଙ୍କ ପୀଠରେ ହୋଇଥିବା ଶ୍ରଦ୍ଧାଳୁଙ୍କ ସମାଗମ।

ଗୁରୁମାଇଙ୍କ ସହ ପୁରୋଧା ରାମ ମୁଦୁଲି, ଧନୁର୍ଜୟ ମୁଦୁଲି,ମଦନ ମୁଦୁଲି ଓ ଦୀନବନ୍ଧୁ ମୁଦୁଲି ପୂଜା ନୀତି ସମ୍ପାଦନ କରିଥିଲେ। ନିୟମିତ ପୂଜକ ଅର୍ଜୁନ ଦାମି,ବାସୁ ବଡ଼ନାୟକ,ଜର ବଡ଼ନାୟକ, ଗୋପୀ ମୁଦୁଲି, ପୀତୁ ବଡନାୟକ, ରାମ ନାୟକ ଦିବାକର ଗୁଣ୍ଟାଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ। ମା’କଣ୍ଟାବାଉଁଶୁଣୀ ସେବାୟତ ମଣ୍ଡଳୀ ସଭାପତି ଜେ କେ ନାହାକ, ସମ୍ପାଦକ କୃତିବାସ ରାଜୁ, କର୍ମକର୍ତ୍ତା ଲୋକନାଥ କୁଲଦୀପ ଖଦାଳ ନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ପୀଠକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ସେବାୟତ ମଣ୍ଡଳୀ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହେଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ବୃନ୍ଦାବନ ଖଣ୍ଡୁଆଳଙ୍କ ନେତୃତ୍ୱରେ ନିକୁଞ୍ଜ ସାମଲ, ଶ୍ରୀଧର ପରିଡ଼ା, ଅର୍ମାନ, ବିଶ୍ୱ ମୋହିନୀ ସାହୁ, ଦିପ୍ତିମୟୀ ଶତପଥୀ, ସ୍ମୃତିପ୍ରଜ୍ଞା ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୋଡିଙ୍ଗା,୪।୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋକଡ଼ି ସେମଲା ପଞ୍ଚାୟତର ଝରନଗୁଡ଼ା ରାସ୍ତାରେ ବାଇକ ଦୁର୍ଘଟଣାରେ ମଙ୍ଗଳବାର ରାତିରେ ଜଣେ ଯୁବକ ମୃତ୍ୟୁ ଘଟିବା ସହ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପୋଇତଗୁଡ଼ା ଗ୍ରାମର ବିଷମ ଚଲାଣ(୨୦)। ଘଟଣାରୁ ପ୍ରକାଶ, ପୋଇତଗୁଡ଼ା ଗ୍ରାମର ବିଷମ ଓ ଚିଙ୍ଗୁ ଚଲାଣ କୌଣସି କାମରେ ଆଟିଗାଁକୁ ଯାଇ ରାତିରେ ବାଇକ୍‌ରେ ଫେରୁଥିଲେ। ଝରନଗୁଡା ରାସ୍ତାରେ ଏକ କଲଭର୍ଟ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ଉକ୍ତ ରାସ୍ତାଦେଇ ଯାଉଥିବା ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କୋଷାଗୁମୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ବିଷମକୁ ମୃତ ଘୋଷଣା କରିଥିଲେ। ଏ ନେଇ ବିଷମକଙ୍କ ବାପା ପଦମ କୋଡିଙ୍ଗା ଥାନାରେ ଏତଲା ଦେଇଛନ୍ତି। କୋଡିଙ୍ଗା ଥାନାରେ ୧।୨୩ ରେ ଏକ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା କୋଡିଙ୍ଗା ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା ସୂଚନା ଦେଇଛନ୍ତି।

### ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ମୁନିଗୁଡ଼ା,୪।୧(ଡି.ଏନ୍.ଏ.) ମୁନିଗୁଡା ଯୁକ୍ତ୨ କଲେଜ ପରିସରରେ ଆତ୍ମରକ୍ଷା କୌଶଳ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧକ୍ଷ ଦେବାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ଚତୁର୍ଭୂଜ ବନଛର ଶିବିରକୁ ସଂଯୋଜନା କରିଥିଲେ। ସ୍ଥାନୀୟ ସରପଞ୍ଚ ସରସ୍ୱତି ଶବର, ନାଏବ ସରପଞ୍ଚ ଚନ୍ଦ୍ରକଳା ଦୁବେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଅଧକ୍ଷ ମିଶ୍ର ନିଜକୁ ସୁରକ୍ଷା ଦେବା ସହ ଅନ୍ୟମାନଙ୍କୁ କିପରି ସୁରକ୍ଷା ଦେବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷକ ସୁଶ୍ରୀ ଦାମିନି କୁଶଲିଆ, ହସ୍ତିନି କୁଶଲିଆଙ୍କ ସମେତ ଅଧାପିକା ରୋଜାଲିନ ମଲ୍ଲ, ସୁମରି ରଣା, ଡମ୍ବୁରୁଧର ସାରକା, କୁମରବର ସୂତାର ପ୍ରମୁଖ ସହଯୋଗ କରିଥିଲେ।

### ବିଜ୍ଞାନ କଂଗ୍ରେସରେ ଇଙ୍ଫା କ୍ୟାମ୍ପସ ସ୍କୁଲର ପିଲାଙ୍କ ପ୍ରକଳ୍ପ



ରାୟଗଡ଼ା,୪।୧(ସ୍ୱ.ପ୍ର.): ରାୟଗଡ଼ା ଜିଲା ଥେରୁବାଲି ସ୍ଥିତ ଇଙ୍ଫା କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ବିଜ୍ଞାନ ପ୍ରକଳ୍ପ ଜାତୀୟ ସ୍ତରରେ ପ୍ରଦର୍ଶିତ ହୋଇଛି। ଇଙ୍ଫା କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରୀ ଭି.ସୋନିଆ ଏବଂ ଆର୍ଫିଆ ବସିରଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ଟ୍ରାଇ-ସାଇକେଲ ଫ୍ଲୋର୍ କ୍ଲିନର୍ ନାଗପୁର ଠାରେ ଆୟୋଜିତ ଭାରତୀୟ ବିଜ୍ଞାନ କଂଗ୍ରେସ ମେଳା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏହି ମେଳା ଜାନୁୟାରୀ ୩ରୁ ୭ ପର୍ଯ୍ୟନ୍ତ ଚାଲିବ। ଶିକ୍ଷକ ପ୍ରମୋଦ ମହାପାତ୍ରଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ଏହି ବିଜ୍ଞାନ ପ୍ରକଳ୍ପ ନଭେମ୍ବର ୨୩ ରୁ ୨୮ ପର୍ଯ୍ୟନ୍ତ ହୋଇଥିବା ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ଏଥିରେ ଭାରତୀୟ ସ୍ତରରେ ୧୫୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୧୦ ଶ୍ରେଷ୍ଠ ପ୍ରକଳ୍ପ ଏନ୍‌ସିଇଆର୍‌ଟି ଦ୍ୱାରା ଚୟନ ହୋଇ ଭାରତୀୟ ବିଜ୍ଞାନ କଂଗ୍ରେସ ମେଳାରେ ପ୍ରଦର୍ଶିତ ହେବ। ଏଥିରେ ସୋନିଆ ଏବଂ ଆର୍ଫିୟାଙ୍କ ପ୍ରୋଜେକ୍ଟ ମଧ ସ୍ଥାନ ପାଇଛି। ଓଡ଼ିଶାରୁ ଏକମାତ୍ର ପ୍ରୋଜେକ୍ଟ ଭାବେ ଏହା ଭାରତୀୟ କଂଗ୍ରେସ ବିଜ୍ଞାନ ମେଳା ପାଇଁ ବିବେଚିତ ହୋଇଥିବାରୁ ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଙ୍କୁ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ପହଞ୍ଚିଛି।

### ଭ୍ୟାନ ଧକ୍କାରେ ଯୁବତୀଙ୍କ ମୃତ୍ୟୁ

ସୋରଡା,୪।୧(ଡି.ଏନ.ଏ.): ସୋରଡା ଜରଉ ସେତୁ ନିକଟ ୫୯ ନଂ. ଜାତୀୟ ରାଜପଥରେ ବୁଧବାର ସକାଳେ ଭ୍ୟାନ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ପାଇକ ସାହିର ମୃତ ପୁନିଆ ଗଉଡଙ୍କ ଝିଅ ପ୍ରମିଳା। ପ୍ରମିଳା ପ୍ରାତଃଭ୍ରମଣ ସାରି ରାସ୍ତା ପାର୍ଶ୍ୱରେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ପଛପଟୁ ଏକ ଘରୋଇ କମ୍ପାନୀର ଭ୍ୟାନ ଧକ୍କା ଦେଇଥିଲା। ପ୍ରମିଳାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ଠୁଙ୍କିଲେ



ଛାତ୍ରୀଛାତ୍ର ସ୍କୁଲ ବାହାରେ ବସି ପାଠ ପଢୁଛନ୍ତି।

ଉମରକୋଟ,୪।୧(ସ୍ୱ.ପ୍ର.)

- ସ୍କୁଲ ବାହାରେ ବସି ପାଠ ପଢ଼ିଲେ ଛାତ୍ରୀଛାତ୍ର
- ତୁରନ୍ତ ଶିକ୍ଷୟିତ୍ରୀ ନିଯୁକ୍ତି ପରେ ଖୋଲିଲା ତାଲା

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ଅନ୍ତର୍ଗତ ଶିର୍ଲିଗୁଡ଼ା ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଅଭିଭାବକ ମାନେ ସ୍କୁଲ ଫାଟକରେ ତାଲା ପକାଇଥିବାବେଳେ ଛାତ୍ରୀଛାତ୍ର ସ୍କୁଲ ବାହାରେ ବସି ପାଠ ପଢ଼ିବା ଦେଖିବାକୁ ମିଳିଥିଲା। ପରେ ଶିକ୍ଷୟିତ୍ରୀ ନିଯୁକ୍ତି ପରେ ଫାଟକ ଖୋଲାଯିବା ସହ ପିଲାଙ୍କ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ଗ୍ରାମବାସୀଙ୍କ କହିବା ହେଲା, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୦୮ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୪ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ଚାଲିଥିଲା। ତେବେ ମଙ୍ଗଳବାର ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସରକାରୀ ନିୟମ ଅନୁଯାୟୀ, ସ୍କୁଲରେ ୬ ଶିକ୍ଷକ ରହିବା ଅବଶ୍ୟକ । ହେଲେ ଏଠାରେ ୩ ଶିକ୍ଷକଙ୍କ ଦ୍ୱାରା ପାଠପଢ଼ା କେମିତି ହେବ ତାହକୁ ନେଇ ଅଭିଭାବକ ପ୍ରଶ୍ନ ଉଠାଇଥିଲେ। ପୂର୍ବାହ୍ନରେ ଅଭିଭାବକ ଏବଂ ଛାତ୍ରୀଛାତ୍ର ସ୍କୁଲ ଫାଟକରେ ତାଲା ପକାଇଥିଲେ। ଅଭିଭାବକ ମାନେ ଧାରଣାରେ ବସିଥିବା ବେଳେ ପିଲାଙ୍କୁ ବିଦ୍ୟାଳୟ ପାଚେରି ବାହାରେ ପାଠ ପଢ଼ାଯାଉ ବୋଲି ଜିଦ୍ କରିଥିଲେ। ଅନ୍ୟ ୩ ଶିକ୍ଷକ ପିଲାଙ୍କୁ ବାହାରେ ପାଠ ପଢ଼ାଇଥିଲେ। ଖବର ପାଇ ସିଆର୍‌ସିସି ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଣା କରିଥିଲେ। ପୂର୍ବତନ ସରପଞ୍ଚ ବିର ସିଂ ମାଝି ଘଟଣାସ୍ଥଳରେ ପହଞ୍ଚି ଘଟଣା ବିଷୟରେ ବିଇଓଙ୍କୁ ଫୋନ୍‌ରେ ଜଣାଇଥିଲେ। ବିଇଓଙ୍କ ନିର୍ଦ୍ଦେଶରେ ଏବିଇଓ ପୁରୁଷୋତ୍ତମ ମାଝି ପୋଲିସ ସହ ସ୍କୁଲରେ ପହଞ୍ଚିଥିଲେ। ନୂଆଗୁଡ଼ାରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଏଠାରେ ତୁରନ୍ତ ନିଯୁକ୍ତି ଦିଆଯିବା ସହ ସେ ଆସି କାର୍ଯ୍ୟରେ ଯୋଗ ଦେବାପରେ ଅଭିଭାବକ ମାନେ ଧାରଣାରୁ ଓହରି ବିଦ୍ୟାଳୟ ଗେଟ୍‌ରୁ ତାଲା ଖୋଲିଥିଲେ। ଅପରାହ୍ନ ୨ଟା ପରେ ପିଲାମାନେ ସ୍କୁଲରେ ପାଠ ପଢ଼ିଥିଲେ। ଏଠାରେ ଶୀଘ୍ର ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମଧ ପ୍ରତିଶ୍ରୁତି ଦିଆଯାଇଛି।

# ମକା ଚୋରି ମାମଲା, ଖାଲି ଟ୍ରକ୍ ଜବତ

ଡାବୁଗାଁ,୪।୧(ଡି.ଏନ.ଏ.)

ମକା ବୋଝେଇ ଟ୍ରକ୍ ଚୋରି ଅଭିଯୋଗରେ ତଦନ୍ତ କରି ଡାବୁଗାଁ ପୋଲିସ ମଙ୍ଗଳବାର ଖାଲି ଟ୍ରକ୍‌କୁ ଜବତ କରିଛି। ଚୋରି ମକା ମିଳି ପାରିନାହିଁ। ସୂଚନା ଅନୁଯାୟୀ, ଡାବୁଗାଁ ଥାନା ଶିଂସାରି ଫାଣ୍ଡି ଅଧୀନ ଝାଳିଆଗୁଡ଼ା ଗ୍ରାମର ହରିଶ ଚନ୍ଦ୍ର ସାହୁ ଗତ ଡିସେମ୍ବର୨୨ରେ ଉମରକୋଟ ସ୍ଥିତ ଦୂର୍ଗା ଟ୍ରାନ୍ସପୋର୍ଟରୁ ଟ୍ରକ୍ ( ଓଡି ୦୪ ସି ୦୦୩୨) ଯୋଗେ ୩୦୦ ବସ୍ତା ମକା ବୋଝେଇ ବାଲେଶ୍ୱର ପଠାଇଥିଲେ। ୨୫ ତାରିଖ ସୁଦ୍ଧା ମକା ଟ୍ରକ୍ ବାଲେଶ୍ୱରରେ ନ ପହଞ୍ଚିବାରୁ ହରିଶ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏଥିରେ ବିଫଳ ହେବାପରେ ଡିସେମ୍ବର୨୯ରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ୨୦୧/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସୋନପୁର -ବୌଦ୍ଧ ମୁଖ୍ୟରାସ୍ତା ପାର୍ଶ୍ୱ ଜଙ୍ଗଲରୁ ଉକ୍ତ ଟ୍ରକ୍ ଜବତ କରି ମଙ୍ଗଳବାର ରାତିରେ ଥାନାକୁ ଆଣିଛି। ତେବେ ଉକ୍ତ ଟ୍ରକ୍‌ରେ ମକା ନ ଥିବା ପୋଲିସ ସୂଚନା ଦେଇଛି । ଟ୍ରକ୍ ଡ୍ରାଇଭର ରାଜ କୁମାର ଯାଦବ ଫେରାର ଅଛନ୍ତି। ଟ୍ରକ୍‌ରେ ଥିବା ମକାର ମୂଲ୍ୟ ୭ ଲକ୍ଷ ୩୯ ହଜାର ୯୦୦ ଟଙ୍କା ହେବ ବୋଲି ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି। ଏ ନେଇ ତଦନ୍ତ ଚାଲିଥିବା ସେ କହିଛନ୍ତି।

# ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୁଣପୁର,୪।୧(ଡି.ଏନ.ଏ)

## ଜିଆଇଇଟି ବିଶ୍ୱବିଦ୍ୟାଳୟ

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁଣପୁର ବ୍ଲକର ଦୁଇ ଜଣ ଯକ୍ଷ୍ମା ରୋଗୀଙ୍କୁ ମାଗଣାରେ ପୁଷ୍ଟିସାର ଖାଦ୍ୟ ରେଜିଷ୍ଟ୍ରାର ଡ.ଏନ.ଭି.ଜେ. ରାଓ ପ୍ରଦାନ କରିଥିଲେ। ଏହି ଖାଦ୍ୟ ୬ମାସ ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ମମତା ସାହୁ, ଜିଲା ସଂଯୋଜକ ନବୀନ ମହାନ୍ତି, ସସ୍ମିତା ମହାରଣା,ବିଶ୍ୱ ବିଦ୍ୟାଳୟର ସ୍କୁଲ ଅଫ ମ୍ୟାନଜମେଣ୍ଟର ଡିନ୍ ଏମ. ଜଗଦୀଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରେମାଂଶୁ ଶେଖର ରଥ ପରିଚଳନା କରିଥିଲେ। ପ୍ରଫେସର ବାଣୀ ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।

# ପ୍ରତିଭାଙ୍କ ଅପେକ୍ଷାରେ 'ଚଇତି' ମଣ୍ଡପ



କ୍ରୀଡ଼ା ପ୍ରତିଯୋଗିତା ନିମନ୍ତେ ମଶାଲ ଶୋଭାଯାତ୍ରା।

ପଦ୍ମପୁର,୪।୧(ଡି.ଏନ୍.ଏ.)

## ପଦ୍ମପୁର ବ୍ଲକସ୍ତରୀୟ ଉତ୍ସବ ପାଇଁ ଉତ୍ସାହ

ପଦ୍ମପୁର ବ୍ଲକ ସ୍ତରୀୟ ଲୋକ ମହୋତ୍ସବ 'ଚଇତି' ଗୁରୁବାର ପାଳନ କରାଯିବ। ଏଥିନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭକରି ଜନ ପ୍ରତିନିଧି, ଅଞ୍ଚଳବାସୀ ସମସ୍ତଙ୍କ ମନରେ ଏଥିପାଇଁ ଉତ୍ସାହ। ବ୍ଲକର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏହି ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସୋମବାର ପ୍ରସିଦ୍ଧ ଶୈବପୀଠ ମିନାଝୋଲାରୁ ବିଭିନ୍ନ ବ୍ଲକକୁ ଗଙ୍ଗା ଆବାହନ କରି ଚଇତି କଳସ ଅଣାଯାଇଥିଲା। ପଦ୍ମପୁର ବ୍ଲକରେ ମଧ ହନୁମାନ ମନ୍ଦିରରେ କଳସ ରଖାଯାଇଥିଲା। ପଦ୍ମପୁର ବିଡିଓ ରୀନା ପ୍ରଧାନଙ୍କ ସହ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ରଥ, ପଦ୍ମପୁର ଥାନା ଅଧିକାରୀ ରାଜେଶ ବଲିୟାରସିଂଙ୍କ ସହ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ଉତ୍ସବର ପ୍ରକୃତ ଉଦ୍ଦେଶ୍ୟ ସଫଳ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏଥିନିମନ୍ତେ କ୍ରୀଡ଼ା, ନୃତ୍ୟ, ସାହିତ୍ୟ ଆସର, କବିତା ପାଠୋତ୍ସବ ଭଳି ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ସରିଛି। ଗୁରୁବାର ସକାଳେ ପଦ୍ମପୁର ନିକଟସ୍ଥ ଖମାପଦର ପୁଷ୍କରିଣୀରୁ ଜଳ ସଂଗ୍ରହ କରାଯାଇ ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ଚଇତି ମଣ୍ଡପରେ କଳସ ସ୍ଥାପନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଜିସିଡି ୱାର୍କର୍ସ କ୍ଲବର ନୂତନ କର୍ମକର୍ତ୍ତା ଚୟନ

ରାୟଗଡ଼ା, ୪।୧(ସ୍ୱ.ପ୍ର.)

ରାୟଗଡ଼ା ଜିସିଡି ୱାର୍କର୍ସ କ୍ଲବର ସଭାପତି ଭାବେ ୱର୍କର୍ସ ଦୀପକ ପୃଷ୍ଟି ମନୋନୀତ ହୋଇଛନ୍ତି। ପୂର୍ବରୁ ୫ ବର୍ଷ ଧରି ସେ କ୍ଲବର ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ତେବେ ୨ ବର୍ଷ ପରେ କ୍ଲବର ନିର୍ବାଚନ ହୋଇଥିବା ବେଳେ ମଙ୍ଗଳବାର କ୍ଲବର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି ସଂଘର ସମ୍ପାଦକ ଭାବେ ୱର୍କର୍ସ କେ. ବିଜୟ ମୋହନ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ୱର୍କର୍ସ ଜାମି ରାଜାରାଓ ଓ ମୁଚି ରବି ମନୋନୀତ ହୋଇଛନ୍ତି। କୋଷାଧକ୍ଷ ଭାବେ ୱର୍କର୍ସ ସୁଭାଷ ଚନ୍ଦ୍ର ବାରିକ ମନୋନୀତ ହୋଇଛନ୍ତି। ନୂତନ କମିଟିକୁ କ୍ଲବର ପ୍ରତିଷ୍ଠା ସଦସ୍ୟ ୱର୍କର୍ସ ସୁରେନ୍ଦ୍ର କୁମାର ସାହୁ ସମର୍ଥନ କରିଥିବା ବେଳେ ସୁରେଶ ମିଶ୍ର ପ୍ରସ୍ତାବ ଦେଇଥିଲେ। ପରେ କ୍ଲବର ପୂର୍ବତନ ସଭାପତି ମନୋଜ ରଥ ନୂତନ ସଭାପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଆଗାମୀ ଦିନରେ କ୍ଲବ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ସହ ସ୍ୱଚ୍ଛଭାରତ ଅଭିଯାନ, ରକ୍ତଦାନ ଶିବିର ଓ ଚାରାରୋପଣ ଆଦି କାର୍ଯ୍ୟ କରାଯିବ ବୋଲି ନୂତନ ସଭାପତି ପୃଷ୍ଟି ଘୋଷଣା କରିଛନ୍ତି। ବୈଠକରେ କ୍ଲବର ୬୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ପରେ କାର୍ଯ୍ୟରେ ଯୋଗଦେଲେ ସଫେଇ କର୍ମଚାରୀ



ଆନ୍ଦୋଳନ ପ୍ରତ୍ୟାହାର କରିଥିବା ସଫେଇ କର୍ମଚାରୀମାନେ।

ଉମରକୋଟ,୪।୧(ସ୍ୱ.ପ୍ର.)

ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ୫ ଦିନ ହେଲା ଆନ୍ଦୋଳନ ଚଳାଇଥିବା ସଫେଇ କର୍ମଚାରୀ ଆନ୍ଦୋଳନରୁ ଓହରି ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ୧୫ ଦଫା ଦାବି ନେଇ ସଫେଇ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିଥିଲେ। ଫଳରେ ସହରରେ କୁଢ କୁଢ ଅଳିଆ, ଆବର୍ଜନା ପଡ଼ି ରହିଥିଲା। ବିଭିନ୍ନ ମହଲରୁ ସେମାନଙ୍କୁ ବୁଝାଶୁଝା କରାଯାଇଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିଲା। ଶେଷରେ ନିର୍ବାହୀ ଅଧିକାରୀ ଋଷି ମାଝୀ ସମସ୍ତ ମହିଳା ଓ ପୁରୁଷ ସଫେଇ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ୧୫ ଦଫା ଦାବି ମଧ୍ୟରୁ ୩ ତାରିଖ ସୁଦ୍ଧା ଦରମା ଦେବା, ବର୍ଷକୁ ଥରେ ପୋଷାକ, ଜୋତା ଟୋପି ଓ ଦେହଖରାପ ହୋଇ ମେଡ଼ିକାଲରେ ଭର୍ତ୍ତି ହେଲେ ଦରମା ନ କାଟିବାକୁ ଠିକା ସଂସ୍ଥାକୁ ସେ ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଦାବି ପୂରଣ ନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ସେ ଅନୁରୋଧ କରିବେ ବୋଲି କହିଥିଲେ। ଆଲୋଚନା ପରେ ସଫେଇ କର୍ମଚାରୀମାନେ ପୂର୍ବାହ୍ନ ୧୦ଟାରେ କାର୍ଯ୍ୟରେ ଯୋଗ ଦେଇ ସଫେଇ ଆରମ୍ଭ କରିଥିଲେ।

# ଡିକେଡିଏ ପକ୍ଷରୁ ମୁକ୍ତେଶ୍ୱରଙ୍କୁ ସମ୍ବର୍ଦ୍ଧନା

## ଡଙ୍ଗରିଆ ଯୁବକଙ୍କ ସଫଳତା

ବିଷମକଟକ,୪।୨(ଡି.ଏନ୍.ଏ.)

ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାୟଗଡ଼ା ଜିଲା ବିଷମକଟକ ବ୍ଲକର ପ୍ରଥମ ଡଙ୍ଗରିଆ ଯୁବକ ମୁକ୍ତେଶ୍ୱର ୱାଡାକା ଗଣିତ ବିଭାଗର ସହକାରୀ ପ୍ରଧାପକ ହୋଇପାଇଛନ୍ତି। ଏହାକୁ ନେଇ ରାୟଗଡ଼ା ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପାଇଁ ଚାଟିକଣା ସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ପକ୍ଷରୁ ବୁଧବାର ମୁକ୍ତେଶ୍ୱରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଖ୍ରୀଷ୍ଟଆନ ହସ୍ପିଟାଲର ପୂର୍ବତନ ଅଧକ୍ଷ ଡା. ଜନି, ସ୍ୱତନ୍ତ୍ର ଅଧିକାରୀ ଚୈତନ୍ୟ ମାଝି, କୁର୍ଲୀ ସରପଞ୍ଚ ସୁବର୍ଦ୍ଧନି ୱାଡାକା ଅତିଥି ଭାବେ ଯୋଗଦେଇ ମୁକ୍ତେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁକ୍ତେଶ୍ୱର ନିୟମଗିରି ପାହାଡ଼ ଘେରା କୁର୍ଲି ପଞ୍ଚାୟତ ଅନ୍ତର୍ଗତ ଖମ୍ବେସି ଗ୍ରାମ ନିବାସୀ ତଥା ଡିକେଡିଏର ଠିକା କର୍ମଚାରୀ ସୁରେଶ ୱାଡକାଙ୍କ ପୁଅ। ସେ ଉଚ୍ଚ ଶିକ୍ଷା ଲାଭ କରି ପ୍ରେରଣାର ଉତ୍ସ ପାଲଟିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଓପିଲିପ୍ ପୋଗ୍ରାମ ମ୍ୟାନେଜର ସୁଦର୍ଶନ ପାଢ଼ି ପରିଚାଳନା କରିଥିଲେ।




ସମ୍ବର୍ଦ୍ଧନା ସଭାରେ ମୁକ୍ତେଶ୍ୱର ଓ ଅନ୍ୟ ଅତିଥିମାନେ।

# ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ନବରଙ୍ଗପୁର,୪।୧(ବି.ପ୍ର.)




ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ବିଜେଡିର ନବରଙ୍ଗପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ୨୬ତମ ପ୍ରତିଷ୍ଠା ଦିବସ ବୁଧବାର ପାଳନ କରାଯଇଛି । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ନବରଙ୍ଗପୁର ଉପଦେଷ୍ଟା ଈଶ୍ୱର ପାଣିଗ୍ରାହୀ, ସହ ଉପଦେଷ୍ଟା ଦେବାଶିଷ ପାତ୍ର ଯୋଗ ଦେଇଥିଲେ । ବିଜେଡି ସରକାରଙ୍କ ଦୀର୍ଘ ୨୩ ବର୍ଷର ଶାସନର ସଫଳତା ଓ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ସାହୁ କହିଥିଲେ, ମିଳୁଥିବା ରାଶନ ଚାଉଳ ଚଳିତ ମାସଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ମାଗଣା ଦେବାକୁ ସରକାର ଘୋଷଣା କରିଛନ୍ତି। ଏମପି ମାଝୀ କହିଥିଲେ , ପ୍ରଥମେ ପୁରୀରେ ୨୬ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ସମସ୍ତ ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ କରାଯିବା ସହ ୨୦୨୪ ନିର୍ବାଚନ ପାଇଁ କର୍ମୀ ମାନଙ୍କୁ ନେଇ ରୋଡ଼ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜାଗା ମିଶନ ଉପଦେଷ୍ଟା ହରିଶଙ୍କର ରାଉତ, ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ବାବୁଲି ମିଶ୍ର ଅନ୍ୟତମ ଅତିଥି ରୂପେ ଯୋଗଦେଇଥିଲେ। ବିଜୁ ଯୁବ ଜନତା ଦଳର ଅବିଭକ୍ତ କୋରାପୁଟ ଜିଲା ଜୋନ ସଭାପତି ତାପସ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଜିଲ୍ଲା ବିଜେଡ଼ି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦାହାଣ୍ଡି ବ୍ଲକ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର , ତେନ୍ତୁଳିଖୁଣ୍ଟି ବ୍ଲକ ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ନବରଙ୍ଗପୁର ପୌର ଉପାଧକ୍ଷା ସୌମ୍ୟା ମହାପାତ୍ର, ନବରଙ୍ଗପୁର ନଗର ବିଜେଡ଼ି ସଭାପତି ପ୍ରମୋଦ ରଥ, ବିଜେଡି ଜିଲା ଉପ ସଭାପତି ରବି ପଟ୍ଟନାୟକ, ଉପ ସଭାପତି ମିଟୁ ପାତ୍ର, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଦିଲୁ ପଣ୍ଡା, ଜିଲା ବିଜେଡ଼ି ସମ୍ପାଦକ ମଣ୍ଟୁ ପଟ୍ଟନାୟକ, ଜିଲା ସମ୍ପାଦକ ଭୀମ ହରିଜନ, ଉତ୍ତମ ତ୍ରିପାଠୀ, ନଗର ଯୁବ ବିଜେଡ଼ି ସଭାପତି ପିଣ୍ଟୁ ଲେଙ୍କା, ନଗର ଛାତ୍ର ବିଜେଡ଼ି ସଭାପତି ଅବିନାଶ ମହାପାତ୍ର, ସଞ୍ଜୟ ନାୟକ, ଲାଲୁ ତ୍ରିପାଠୀ , ସ୍ୱାଧୀନ ପଣ୍ଡାଙ୍କ ସମେତ ସମସ୍ତ ବ୍ଲକ ଅଧକ୍ଷ, ଅଧକ୍ଷା, ଉପାଧକ୍ଷ, ଉପାଧକ୍ଷା, ପୌର ପରିଷଦ କାଉନସିଲର ଓ କର୍ମୀମାନେ ଉପସ୍ଥିତ ଥିଲେ।

